ତହସିଲଦାରଙ୍କ କାର୍ଯ୍ୟାଳୟ ଲାଠିକଟା,

ଜିଲ୍ଲା-ସୁନ୍ଦରଗଡ଼

# OFFICE OF THE TEHSILDAR LATHIKATA,

**DIST. SUNDARGARH**

ସଂଖ୍ୟା. ୨୦ ତାରିଖ. 06/01/22.

# ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

# (AUCTION NOTICE)

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଅଧିନସ୍ଥ ଲାଠିକଟା ତହସିଲ ଅନ୍ତର୍ଗତ Annexure-I ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟ (ପଥର ଓ ବାଲି ଉତ୍ସ) ଗୁଡ଼ିକର ଆଗାମୀ 2021-22 ବର୍ଷ ଠାରୁ 5(ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule' 2016 ଅନୁଯାୟୀ Form-M ପୂରଣ କରି ଏହାର 3 (ତିନି) କପି ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ/ଦଲିଲ ସଂଲଗ୍ନ କରି ଜଉମୁଦ ଲଫାପାରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବକ୍ସ/ଡ୍ରପ୍ ବକ୍ସ ରେ ଆସନ୍ତା ତା. ୨୭.୦୧.୨୦୨୨ ରିଖ ଦିବା ୧୧.୦୦ଘଟିକା ରୁ ଅପରାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ଏବଂ ଆବେଦନକାରୀଙ୍କ ଉପସ୍ଥିତିରେ ଉକ୍ତ ଦିନ ଦିବା ୧୨.୩୦ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଦରଖାସ୍ତ ଖୋଲାଯାଇ ଲିଜ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ବାତିଲ କରାଯିବ । ଯଦି କୌଣସି କାରଣ ବଶତଃ ଉକ୍ତ ଦିବସରେ କୌଣସି ବଳକା ଉତ୍ସର ଦରଖାସ୍ତ ଗ୍ରହଣ ଓ ଲିଜ ଚୂଡାନ୍ତ ହୋଇ ନ ପାରିଲା, ପୁନଶ୍ଚ ଇଚ୍ଛୁକ ବ୍ୟକ୍ତି ବଳକା ଉତ୍ସ ପାଇଁ ତା. ୨୮.୦୧.୨୦୨୨ରିଖ ଦିବା ୧୧.୦୦ଘଟିକା ରୁ ଅପରାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ପକାଇ ପାରିବେ ଏବଂ ଆବେଦନକାରୀଙ୍କ ଉପସ୍ଥିତିରେ ଉକ୍ତ ଦିନ ଦିବା ୧୨.୩୦ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଦରଖାସ୍ତ ଖୋଲାଯାଇ ଲିଜ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ବାତିଲ କରାଯିବ । ଯଦି ପୁନଃ କୌଣସି କାରଣ ବଶତଃ ଉକ୍ତ ଦିବସରେ କୌଣସି ବଳକା ଉତ୍ସର ଦରଖାସ୍ତ ଗ୍ରହଣ ଓ ଲିଜ ଚୂଡାନ୍ତ ହୋଇ ନ ପାରିଲା, ପୁନଶ୍ଚ ଇଚ୍ଛୁକ ବ୍ୟକ୍ତି ବଳକା ଉତ୍ସ ପାଇଁ ତା. ୨୯.୦୧.୨୦୨୨ରିଖ ଦିବା ୧୧.୦୦ଘଟିକା ରୁ ଅପରାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ପକାଇ ପାରିବେ ଏବଂ ଆବେଦନକାରୀଙ୍କ ଉପସ୍ଥିତିରେ ଉକ୍ତ ଦିନ ଦିବା ୧୨.୩୦ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଦରଖାସ୍ତ ଖୋଲାଯାଇ ଲିଜ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ବାତିଲ କରାଯିବ । ଆବେଦନ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେଶ ନଂ ଲେଖାଥିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ସୁନ୍ଦରଗଡ଼ ଙ୍କର ରହିଛି ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. ଦରଖାସ୍ତ ପାଉଣା ବାବଦକୁ ଟ 1000/-ର ଟ୍ରେଜରୀ ଚାଲାଣ (Non-refundable) ସଂଲଗ୍ନ କରିବେ । (Head of Account-0853-non-ferrous Mining and Metallurgical Industries-102-Mining Concession fees, Rents and Royalties)
2. ଆବେଦନକାରୀ କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଦେବେ ।
3. ଆବେଦନକାରୀ ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ଦାଖଲକରିବେ ।
4. ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡ଼ା 5% ହାରରେ ସ୍ଥିରୀକୃତ ହୋଇ ଥିବା ଲଘୁଖଣିଜ (ପଥର)ର ପରିମାଣ ଉପରେ ଦେୟ ଅମାନତ ରାଶି ( EMD) ଓ ଅନ୍ୟାନ୍ୟ ଦେୟ Demand Draft (Original) ଆକାରରେ ପଇଠ କରିବେ ।
5. ଆବେଦନକାରୀ ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର (Minimum Guaranteed Quantity) ଲଘୁ ଖଣିଜ ଉତ୍ସ ପାଇଁ ଦେବାକୁ ଥିବା ରୟାଲଟି (Royalty) ଓ ଦର୍ଶାଇଥିବା ଅତିରିକ୍ତ ଦେୟ ରାଶିର ଏକ Solvency Certificate (ଋଣ ପରିଶୋଧ କ୍ଷମତା ପ୍ରମାଣ ପତ୍ର) କିମ୍ବା Bank Guarantee(ବ୍ୟାଙ୍କ ପ୍ରତ୍ୟାଭୂତ) (valid for a period of 18 months) ଦାଖଲ କରିବାକୁ ହେବ ଏବଂ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ଏକ ତାଲିକା ଦାଖଲ କରିବାକୁ ହେବ ।

Contd/-----2

ଯଦି ଉକ୍ତ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ **(www.sundargarh.nic.in)** ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏ ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ମିଳିପାରିବ ।

ତହସିଲଦାର, ଲାଠିକଟା
TEHASILDAR
LATHIKATA

## ସର୍ତ୍ତାବଳୀ

1. ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-2016(OMMC RULE-2016)ର ପରିସର ଭୁକ୍ତ ରହିବେ ।

2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

3. ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

5. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।

6. ବାଲି ଓ ପଥର ପାଇଁ ସର୍ବନିମ୍ନ ରୟାଲିଟି ମୂଲ୍ୟ (Per Cum) ଟ. 35/- ଓ 130/- ରହିବ ।

7. ଲିଜର ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଏବଂ ପ୍ରତି ଘନ ମିଟର ପାଇଁ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବା ନିମନ୍ତେ ଓ ନିଜର ସ୍ୱୀକୃତି ପ୍ରଦାନ କରିବା ସହିତ ତାଙ୍କ ଡାକ ଅନୁଯାୟୀ ରୟାଲିଟି, ଅତିରିକ୍ତ ଦେୟ, ସର୍ଫେସ ରେଣ୍ଟ, ଡେଡ୍ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ଓ ପରିବେଶ ପରିଚାଳନା ଅର୍ଥ ଦାଖଲ ଦେବା ନିମନ୍ତେ ନିୟମାନୁଯାୟୀ ଅବଗତ କରାଯିବ । ଏତଦ୍ ବ୍ୟତୀତ ଆବଶ୍ୟକୀୟ ଅମାନତ ରାଶି (Security Deposit) ମଧ୍ୟ ଦାଖଲ କରିବେ ଯାହା କି ବିନା ସୁଧରେ ଗଚ୍ଛିତ ରହିବ । ସର୍ବୋଚ୍ଚ ନିଲାମଧାରୀ ରୟାଲିଟି ସହିତ ଅତିରିକ୍ତ ଦେୟ ଯଥା ସର୍ଫେସ ରେଣ୍ଟ, ଡେଡ୍ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ଓ ପରିବେଶ ପରିଚାଳନା ଅର୍ଥ ଏବଂ ଆୟକର (2%) ଯଥା ସମୟରେ ନିୟମାନୁସାରେ ପଇଠ କରିବେ ।

8. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଠିକ୍ ହୋଇଥିବା Security Deposit ରାଶି Bidding ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର 15(ପନ୍ଦର) ଦିନ ମଧ୍ୟରେ ଡ଼ିମାଣ୍ଡ ଡ୍ରାଫ୍ଟ/ନଗଦ ଆକାରରେ ଜମା କରିବେ ।

**Contd/-----3**

9. ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।

10. ନିଲାମଧାରୀ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ପ୍ରସ୍ତୁତି ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ, ନଚେତ Security Deposit ବାଜ୍ୟାପ୍ତି କରାଯିବ ।

11. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

12. ନିଲାମଧାରୀ OMMC RULE-2016 ର ନିୟମ -33(1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

13. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅର୍ନ୍ତଭୁକ୍ତ ରହିବେ ।

14. ସର୍ବୋଚ୍ଚ ନିଲାମଧାରୀ ପଥର ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Establish & Consent to Operate) ଓଡ଼ିଶା ପ୍ରଦୂଷଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

15. ସର୍ବୋଚ୍ଚ ନିଲାମଧାରୀ ସମସ୍ତ (Clearance) ଦେୟ ଜମାକରିବା ପରେ ସେ Form-N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ (ରେଜିଷ୍ଟ୍ରେସନ ଆକ୍ଟ-1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡ଼ିକପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ 15 ତାରିଖ ପୂର୍ବରୁ ପଇଠ କରିବାକୁ ହେବ ।

16. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

17. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

18. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତିହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ http//:www.sundergarh.nic.in ରେ ମଧ୍ୟ ଦେଖିପାରିବେ ।

TEHSILDAR
LATHIKATA

Contd/-----4

19. ନିଲାମ ଦରଖାସ୍ତକାରୀ ମାନେ ଓଡ଼ିଶା ଲଘୁ ଖଣିଜ ନିୟମ 2016 ଏବଂ ତହସିଲର ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

20. ଯଦି ଉକ୍ତ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ଜ୍ଞାପକ ସଂଖ୍ୟା. ୯୧ ତା. ୦୬/୦୧/୨୨.

ଏହାର ଏକକିତା ନକଲ ଓ Form-M ତହସିଲଦାର ଲାଠିକଟାଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ଜିଲ୍ଲାପାଳ, ସୁନ୍ଦରଗଡ଼/ ଅତିରିକ୍ତ ଜିଲ୍ଲାପାଳ,ରାଉରକେଲା/ ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼/ ଉପଜିଲ୍ଲାପାଳ, ପାନପୋଷ/ ରାଉରକେଲା ମହାନଗର ନିଗମ/ଆଞ୍ଚଳିକ ପରିବହନ ଅଧିକାରୀ ,ରାଉରକେଲା/ ବ୍ଲକ ଉନ୍ନୟନ ଅଧିକାରୀ, ଲାଠିକଟା/ ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ଥାନା ଓ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ/ ସଂପୃକ୍ତ ଗ୍ରାମ ପଞ୍ଚାୟତ ଓ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

06/01/22

ତହସିଲଦାର ଲାଠିକଟା
TEHASILDAR
LATHIKATA

ଜ୍ଞାପକ ସଂଖ୍ୟା. ୯୨ ତା. ୦୬/୦୧/୨୨

ଏହାର ଏକକିତା ନକଲ ଓ Form-M ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ,ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉଅଛି କି ଏହି ବିଜ୍ଞପ୍ତିକୁ ଜିଲ୍ଲା ୱେବସାଇଟ ରେ (www.sundargarh.nic.in) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ ।

06/01/22

ତହସିଲଦାର ଲାଠିକଟା
TEHASILDAR
LATHIKATA

ଜ୍ଞାପକ ସଂଖ୍ୟା. ୯୩ ତା. ୦୬/୦୧/୨୨.

Copy submitted to the Deputy Director(Advertisement) information & public relation department,Odisha, Bhubaneswar through the e-mail address in (ipr.advt@gmail.com) with a request to publish in two daily newspapers at least one of which state level and other having wide publicity in the area where quarray is located.

06/01/22

ତହସିଲଦାର ଲାଠିକଟା
TEHASILDAR
LATHIKATA

**Annexure-I**

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନ ର ବିବରଣୀ

| ସୈରାତ ଉତ୍ସର ବିସ୍ତାରିତ ବିବରଣୀ | | | | | | | | | | | |
|---|---|---|---|---|---|---|---|---|---|---|---|
| କ୍ରମିକ ନଂ | ମୌଜାର ନାମ | ସୈରାତ ଉତ୍ସର ନାମ ଓ କେସ୍ ନଂ | ଖାତା ନଂ | ପ୍ଲଟ ନଂ | ରକବା (ଏକର)ରେ | କିସମ | ଲଘୁ ଖଣିଜର ନାମ | ଲଘୁ ଖଣିଜ ପଦାର୍ଥର ସର୍ବନିମ୍ନ ଧାର୍ଯ୍ୟ ରାଜସ୍ୱ(ଘନ ମିଟର ପ୍ରତି/cum) ଟଙ୍କା ରେ | ଅତିରିକ୍ତ ଦେୟ(Additional Charge) (ଘନ ମିଟର ପ୍ରତି/cum) ଟଙ୍କା ରେ additional Charge | ଅନୁମାନିକ ବାର୍ଷିକ ଧାର୍ଯ୍ୟ ଲଘୁ ଖଣିଜ ପରିମାଣ (Minimum Guaranteed Quantity) | ଅଗ୍ରିମ ପଇଠ କରିବାର ଆକଳନ ରାଶିର ପରିମାଣ ଟଙ୍କାରେ (EMD) |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ବଲଣ୍ଡା | ବଲଣ୍ଡା ପଥର ଖଣି-15, 05/2021-22 (ନୂତନ) | 506 & 504 | 2473/P & 2010/P | Ac. 5.00 | Pahad | ପଥର | 130.00 | 180.00 | 15000.00 | 232500.00 |
| 2 | ଅଟାଘାଟ | ଅଟାଘାଟ ବାଲିଘାଟ, 2/2020-21 | 61 | 484/566/P | 12.00 | ନଦୀ | ବାଲି | 35.00 | 560.00 | 9250.15 | 275191.96 |
| 3 | କଂସର | କଂସର ବାଲିଘାଟ, 3/2020-21 | 94 | 211/P | 12.00 | ନଦୀ | ବାଲି | 35.00 | 670.00 | 12317.70 | 434198.93 |